


# ରୁସି ଆଉ ପୁଷି

ଏକ ଚିତ୍ର କଥା

ବି. ସୁତେୟେବ

ଏକଲବ୍ୟ

# ରୁସି ଆଉ ପୁଷି

## ଏକ ଚିତ୍ର କଥା

ଚିତ୍ର ଏବଂ କାହାଣୀ:
ବି. ସୁତେୟେବ



ଏକଲବ୍ୟ ପ୍ରକାଶନ

ରୁସି ଆଉ ପୁଷି

**Russy and Pussy**
A picture story
From *STORIES AND PICTURES*
Progress Publishers, MOSCOW
Oriya Translation: Ramesh Gumansingh

Text and illustration: V. SUTEYEV

This Oriya translation is supported by the Parag initiative of Tata Trusts.

April 2018 / 1500 copies
Reprint: December 2023 / 4000 copies
Paper: 100 gsm Maplitho and 210 gsm Art card (cover)
ISBN: 978-81-936759-7-7
Price: ₹ 50.00

Published by:
**EKLAVYA FOUNDATION**
Jamnalal Bajaj Parisar
Near Fortune Kasturi, Jatkhedi,
Bhopal - 462 026 (MP)
Phone: +91 755 - 297 7770, 71, 72
www.eklavya.in / books@eklavya.in


Printed at Box Corugators and Offset Printers
Bhopal, Phone +91 0755 258 7651




# ରୁସି ଆଉ ପୁଷି



ଜଣେ ଥିଲା ରୁସି, ଆଉ ଜଣେ ତା ପୁଷି । ଦୁହିଁଙ୍କ ଭିତରେ ଗଭୀର ବନ୍ଧୁତା ଥିଲା ।






ଦିନେ ରୁସି ଚିତ୍ର କରୁଥିଲା ।
ସେତିକିବେଳେ ପୁଷି ଆସିଲା ଏବଂ
ଡିଆଁଟାଏମାରି ତା ଚୌକିର ପଛ ବାଡ଼ା
ଉପରେ ଯାଇ ବସିଲା ।




"ଏ ତୁ କଣ କରୁଛୁ ?"
ପୁଷି ପଚାରିଲା ।
"ମୁଁ ତୋ ପାଇଁ ଘର ତିଆରି କରୁଛି ?"
ରୁସି କହିଲା,   "ଦେଖ୍ ଏଇଟା ଛାତ
ଏବଂ ତା ଉପରେ ଚିମିନି ।
ଆଉ ଏଇଟା ହେଲା ତାର ଦୁଆର ।"








“କିନ୍ତୁ ମୁଁ ସେଠାକୁ ଯାଇ କଣ କରିବି ?”
ପୁଷି ପଚାରିଲା । “ତୁ ସେଠାରେ ଚୂଲି
ତିଆରି କରିବୁ ଏବଂ ତା ଉପରେ ରନ୍ଧାରନ୍ଧି
କରିବୁ ।” ରୁସି କହିଲା ।
ଏବଂ ରୁସି ଚିମିନିରୁ ବାହାରୁଥିବା ଧୂଆଁକୁ
ମଧ୍ୟ ଚିତ୍ରରେ ତିଆରି କରିଦେଲା ।




"ହେଲେ.. ହେଲେ.. ଝରକା କାହିଁ ? ବିଲେଇ ତ ଝରକା ବାଟରେ ଡିଆଁମାରି
ଭିତରକୁ ପଶିଥାଆନ୍ତି ନା ।" ପୁଷି କଥାକୁ
ଟିକେ ଯୋର ଦେଇ କହିଲା ।
"ହଉ ଇଏ ହେଲା ଝରକା
ଏକ, ଦୁଇ, ତିନି, ଚାରି ।" ରୁସି କହୁଥାଏ
ଏବଂ ଝରକା ତିଆରି କରୁଥାଏ ।
"କିନ୍ତୁ ମୁଁ ବୁଲିବାକୁ କୁଆଡ଼େ ଯିବି ?"
ପୁଷି ପୁଣି ପଚାରିଲା ।





“ଏଇଠି !” ଏବଂ ରୁସି ସାଙ୍ଗେ ସାଙ୍ଗେ ଘର ଚାରି ପାଖରେ ବାଡ଼ ତିଆରି କରିଦେଲା । ପୁଣି କହିଲା, “ଏଇଟା ହେଲା ବଗିଚା ।” ପୁଷି ଦେଖିଲା ଏବଂ ଆଖି ତରାଟି କରି କହିଲା, “ଏତେ ଛୋଟ ଆଉ ଏଥିରେ ତ କିଛି ବି ଗଛ ଉଠିନାହିଁ, ଏଇଟା କି ପ୍ରକାର ବଗିଚା ?”





"ଟିକେ ଧୈର୍ଯ୍ୟ ଧର ।" ରୁସି କହିଲା, "ଦେଖ ଇଏ ରହିଲା ଫୁଲ କିଆରୀ । ଇଏ ହେଲା ପିଜୁଳି ଗଛ । ଆଉ ୟାକୁ ଦେଖ ଗାଜର ଏବଂ କୋବି କିଆରୀ ।" "କୋବି ! ପୁଷି ମୁହଁ ଫୁଲେଇ କହିଲା, କିନ୍ତୁ ମୁଁ ମାଛ କେଉଁଠୁ ଧରିବି ?"







"ଏଇଠୁ ।" ଆଉ ରୁସି ଶୀଘ୍ର ଏକ ଛୋଟ ଚୂଆଁ ତିଆରିକଲା, ଯେଉଁଥିରେ ତିନୋଟି ମାଛ ପହଁରୁଥିଲେ । ପୁଷି ତା ଜିଭ ଚାଟିକରି କହିଲା, "ଏଇଟା ହେଲା ବଢ଼ିଆ କଥା.... ! କିନ୍ତୁ ଏଠାରେ କିଛି ଚଢ଼େଇ ଫଢ଼େଇ ମଧ୍ୟ ରହିବେ କି ନାହିଁ ?" ପୁଷି କହିଲା, "ମୋତେ ଚଢ଼େଇ ମଧ୍ୟ ପସନ୍ଦ ।"



"ହଁ ହଁ କାହିଁକି ନୁହେଁ! ଇଏ ହେଲା କୁକୁଡ଼ା, ତା ଗଞ୍ଜା ଏବଂ ତାର ତିନିଟି ଚିଆଁ । ଆଉ ଏଇଟା ଗୋଟେ ବତକ ମଧ ।" ରୁସି ଶୀଘ୍ର ଶୀଘ୍ର ତା ଚିତ୍ରରେ ସମସ୍ତଙ୍କର ଛବି ଆଙ୍କିଦେଲା ।

ପୁଷି ତା ପଞ୍ଝାକୁ ଜିଭରେ ଚାଟି ଚାଟି ସଫା କଲା । ତା ଚମକିଲା ଆଖିକୁ ନଚେଇକରି ଭାରି ନରମ ସ୍ୱରରେ କହିଲା, "ଏଇ ଘରେ କିଛି  ମୂଷା ଥିବେ ନା ନାହିଁ ?"







"ନା ! ମୂଷା-ଫୁସା କିଛି ନାହାନ୍ତି ।" ରୁସି ଚଢ଼ା ସ୍ୱରରେ କହିଲା ।

"ତା ହେଲେ ମୋ ଘରର ଦେଖା ରଖା କିଏ କରିବ ?" ପୁଷି ବି ସେତିକି ଚଢ଼ା ସ୍ୱରରେ ପଚାରିଲା ।

ରୁସି ଜଲ୍‌ଦି ଜଲ୍‌ଦି ଚିତ୍ରରେ କିଛି ଆଙ୍କିଦେଲା ଏବଂ କହିଲା, "ଦେଖ ଏହି କୁକୁର ତୁମ ଘରର ଦେଖାରଖା କରିବ ।"

କୁକୁର ନାଁ ଶୁଣିଲା ମାତ୍ରେ ପୁଷି ଚମ୍‌କିପଡ଼ି ଠିଆ ହୋଇଗଲା । ତାର ନିଶ ଫୁଲି ଉଠିଲା । ଦେହର ଲୋମ ଟାଙ୍କୁରି ଉଠିଲା । ଲାଞ୍ଜ ଟେକି ହୋଇଗଲା । ମୁହଁର ଆଗ ଦାନ୍ତ ସବୁ ଦେଖାଗଲା । ସେ ଯୋର୍‌ରେ ପଞ୍ଝାକୁ ବାଡ଼େଇବାକୁ ଲାଗିଲା ।

"ମୋତେ ତୁମର ଏ ଘର ବିଲ୍‌କୁଲ୍ ଭଲ ଲାଗିଲାନାହିଁ । ମୋର ଏଥିରେ ରହିବାର ନାହିଁ ।" ପୁଷିର ଯେମିତି ମନ ଖରାପ ହୋଇଗଲା । ସେ ରାଗିକରି ସେଠାରୁ ଚାଲିଗଲା ।

ଏବେ ତୁମେ କୁହ, କିପରି ମନାଇ ପାରିବା ପୁଷିକୁ ?



ଦିନେ ରୁସି, ପୁଷି ପାଇଁ ଗୋଟିଏ
ଘରର ଚିତ୍ର ତିଆରି କରୁଥିଲା । ପୁଷି
ତାର ମନପସନ୍ଦର ଜିନିଷ ତିଆରି
କରିଚାଲିଥିଲା । ପୁଣି କଣ ହେଲା ?
ପୁଷି କଣ ସେ ଘରେ ରହିବାକୁ
ଗଲା ?



ଏକଲବ୍ୟ ପ୍ରକାଶନ

parag
AN INITIATIVE OF
TATA TRUSTS

Price: ₹ 50.00
9788193675977